# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 18th January - 2025

*************************************

## ମୁଖ୍ୟ ସମ୍ବାଦ

- ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧଙ୍କ ଉପରେ ନିର୍ଭର କରେ; କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରବାସୀ ଭାରତୀୟ ସମ୍ମିଳନୀର ଆସନ୍ତାକାଲି ଉଦ୍‌ଯାପନୀ ସମାରୋହରେ ଯୋଗଦେବାପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ।

- ଭବିଷ୍ୟତକୁ ସୁରକ୍ଷିତ କରିବାପାଇଁ ସବୁଜ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

ଏବଂ

- ରାଜ୍ୟର ରାସନ କାର୍ଡ଼ ହିତାଧିକାରୀମାନଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଇ-କେ.ୱାଇ.ସି. ପଞ୍ଜୀକରଣ କରିବାପାଇଁ ସରକାରଙ୍କ ପରାମର୍ଶ ।

*Desk*

# ସ୍ୱାମୀତ୍ୱ ଯୋଜନା

କେନ୍ଦ୍ର ସରକାର ଭୂଲେଖର ଡିଜିଟାଲ୍‌କରଣ ଦିଗରେ କାର୍ଯ୍ୟ କରୁଛନ୍ତି । ଏପର୍ଯ୍ୟନ୍ତ ୧ କୋଟି ଭୂ-ଆଧାର ନମ୍ବର ଜାରି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ସ୍ୱାମୀତ୍ୱ ଯୋଜନା ଅଧୀନରେ ସମ୍ପତ୍ତି କାର୍ଡ ପ୍ରଦାନ  କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଗତ ୭ରୁ ୮ ବର୍ଷ ମଧ୍ୟରେ ୯୮ ପ୍ରତିଶତ ଭୂଲେଖର ଡିଜିଟାଲ୍‌କରଣ କରାଯାଇଛି । ଗ୍ରାମାଞ୍ଚଳ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଶ୍ରୀ ମୋଦି କହିଛନ୍ତି, ବିକଶିତ ଭାରତ ଗଠନରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ସରକାର ମହିଳାଙ୍କ ସଶକ୍ତୀକରଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ଓଡ଼ିଶା ସମେତ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୨୩୦ଟି ଜିଲ୍ଲା ଅନ୍ତର୍ଗତ ୫୦ ହଜାରରୁ ଅଧିକ ଗ୍ରାମର ଲୋକଙ୍କୁ ୬୫ ଲକ୍ଷ ସମ୍ପତ୍ତି କାର୍ଡ ବଣ୍ଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ୨୪୨ ଜଣ ହିତାଧିକାରୀଙ୍କୁ ସମ୍ପତ୍ତି ମାଲିକାନା ଜମିପଟ୍ଟା ବଣ୍ଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ସ୍ୱାମୀତ୍ୱ ଯୋଜନାର ହିତାଧିକାରୀ ରାୟଗଡ଼ା ଜିଲ୍ଲାର ଗଜେନ୍ଦ୍ର ସଙ୍ଗୀତାଙ୍କ ସହ

ବାର୍ତ୍ତାଳାପ କରିଛନ୍ତି। ଏହାପରେ ଶ୍ରୀମତୀ ସଙ୍ଗୀତା ଆକାଶବାଣୀ ସମାଚାର, କଟକକୁ କହିଛନ୍ତି :

***Voice :.........***

ସୂଚନା ଅନୁସାରେ ଗ୍ରାମୀଣ ଭାରତର ଅର୍ଥନୈତିକ ପ୍ରଗତିକୁ ଆଗେଇ ନେବା ଲକ୍ଷ୍ୟରେ ୨୦୨୦ ମସିହାରେ ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ।

***Desk***

# ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୮ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ

ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣି ଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***BBSR/R***

## ସିଙ୍ଗାପୁର ରାଷ୍ଟ୍ରପତି – ଓଡ଼ିଶା

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗ୍ ରତ୍ନମ୍ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ୍‌ର ଟିକା ପ୍ରସ୍ତୁତ କେନ୍ଦ୍ରକୁ ଆଜି ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି ।

ଏହା ପୂର୍ବରୁ ସିଙ୍ଗାପୁର ରାଷ୍ଟ୍ରପତି ସକାଳେ ପୁରୀ ଜିଲ୍ଲାର ରଘୁରାଜପୁର ଐତିହ୍ୟ ଗ୍ରାମ ଏବଂ ଅର୍କକ୍ଷେତ୍ର କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ । ଶ୍ରୀ ରତ୍ନମ୍ ସ୍ଥାନୀୟ ଲୋକଙ୍କ ଘରେ ପଟ୍ଟଚିତ୍ର ତିଆରି ଶୈଳୀ ଦେଖିବା ସହ ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ ।

*Sambalpur/R*

# ଭୋଗମଣ୍ଡପ

ସମ୍ବଲପୁରର ପୁରୁଣା ଅଯୋଧ୍ୟାସାଗର ବନ୍ଧକୁ ରିଭର ଫ୍ରଣ୍ଟ୍ ବିକାଶ ଯୋଜନାରେ ବିକଶିତ କରାଯିବ । ଏହାସହ ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଶ୍ରୀ ପ୍ରଧାନ ନୂତନ ଭୋଗମଣ୍ଡପର ଉଦ୍‌ଘାଟନ କରିଛନ୍ତି । ଦୀର୍ଘ ୪ ବର୍ଷ ଧରି ଶ୍ରଦ୍ଧାଳୁମାନଙ୍କ ପାଇଁ ବନ୍ଦ ଥିବା ଭୋଗ ବ୍ୟବସ୍ଥା ପୁନଃ ଆରମ୍ଭ ହୋଇଛି ।

*IPR*

# ଧର୍ମେନ୍ଦ୍ର - ଅଲିମ୍ପିକ୍ସ

ଆଗାମୀ ୨୦୩୬ ଅଲିମ୍ପିକ୍ସରେ ଭାଗିଦାରୀ ବଢ଼ାଇବାପାଇଁ ଓଡ଼ିଆ ଖେଳାଳିମାନଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି । ସମ୍ବଲପୁର ବୁର୍ଲାଠାରେ ଆଜି ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ବୁର୍ଲାକପ୍-୨୦୨୫ର ପ୍ରଦର୍ଶନୀ ମ୍ୟାଚ୍‌ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସମ୍ବଲପୁରରେ କ୍ରୀଡ଼ାର ବିକାଶ ପାଇଁ ଜିଲ୍ଲା ପ୍ରଶାସନ ଯୋଜନା ପ୍ରସ୍ତୁତ

କରିବାର ଆବଶ୍ୟକତା ରହିଛି । ଖେଳାଳିଙ୍କ ଉନ୍ନତି ପାଇଁ ବିଶେଷ ପ୍ରୟାସ ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

***Sambalpur/R***

# ଧନୁଯାତ୍ରା

ସମ୍ବଲପୁର ଧନୁଯାତ୍ରାର ଚତୁର୍ଥ ଦିନରେ ଆଜି ଗୋପପୁରରେ ରାସକେଳି, କାଳୀୟଦଳନ କାର୍ଯ୍ୟକ୍ରମ ହୋଇଛି । ଗୋପପୁର ପଲଟିଥିବା ଚାଉଁପୁରରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସେହିପରି ମଥୁରା ନଗରୀରେ ଆଜି ମହାରାଜା କଂସ ନଗର ଭ୍ରମଣ କରିଥିଲେ । ସନ୍ଧ୍ୟାରେ ଷଣ୍ଢାସୁରର ଗୋପପୁରରେ ଉତ୍ପାତ, କୃଷ୍ଣବଳରାମଙ୍କୁ ମଥୁରା ଆଣିବା ଲାଗି ଅକ୍ରୂର ପ୍ରେରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Sambalpur/R***

# ପୁସ୍ତକମେଳା

ସମ୍ବଲପୁରଠାରେ ସମ୍ବଲପୁର ସେତୁ ଓ ଏନ୍.ବି.ଟି.ର ମିଳିତ ଆନୁକୂଲ୍ୟରେ ଆଜିଠାରୁ ପୁସ୍ତକମେଳା ଆରମ୍ଭ ହୋଇଛି । ମେଳାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ । ଦୁଇ ଦିବସୀୟ ପୁସ୍ତକମେଳାରେ ୨୦୦ଟି ଷ୍ଟଲ୍ ଖୋଲାଯାଇଛି ।

***HS***

# ମୋଟରଯାନ ବୀମା

ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଆସନ୍ତା ପହିଲାରୁ ବୀମା ନ ଥିବା ମୋଟରଯାନଗୁଡ଼ିକୁ ଟୋଲ୍‌ଗେଟ୍‌' ସ୍ୱୟଂକ୍ରିୟ ପ୍ରଣାଳୀରେ ଯାଞ୍ଚ କରାଯିବା ସହ ଇ-ଚିହ୍ନଟ ପ୍ରକ୍ରିୟାରେ ଇ-ଚାଲାଣ କରାଯିବ । ମୋଟରଯାନ ଆଇନ ଅନୁଯାୟୀ ବୈଧ ବୀମା ନ ଥିଲେ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ମୋଟରଯାନ ଆଇନ ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟରଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ୨ ହଜାର ଟଙ୍କା ଜୋରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଦଣ୍ଡବିଧାନର ବ୍ୟବସ୍ଥା ଆଇନରେ ରହିଛି ।

***BBSR/R***

# ମତ୍ସ୍ୟପ୍ରାଣୀ ସମାବେଶ

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍‌ଙ୍କ ଅଧ୍ୟକ୍ଷତାରେ ମତ୍ସ୍ୟପ୍ରାଣୀ ସମାବେଶ, ଓଡ଼ିଶା-୨୦୨୫ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ

ଅନୁଷ୍ଠିତ ହୋଇଛି । ଭୁବନେଶ୍ୱର ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ବୈଠକରେ ସମାବେଶକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ଏହାକୁ ସଫଳ କରିବା ଦିଗରେ କାର୍ଯ୍ୟ କରିବା ଲାଗି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସୂଚନା ଅନୁସାରେ, ଭୁବନେଶ୍ୱର ବରମୁଣ୍ଡା ଖେଳପଡ଼ିଆରେ ଆସନ୍ତା ମାସ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ସମାବେଶ ଅନୁଷ୍ଠିତ ହେବ ।

***Kandhamal/R***

## ସଂସ୍କୃତି ଭବନ - ଶିଳାନ୍ୟାସ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଆଇନ ମହାବିଦ୍ୟାଳୟ ପରିସରରେ ପ୍ରାୟ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ସଂସ୍କୃତି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଆୟୋଜିତ ସଭାରେ ଶ୍ରୀ ସୂରଜ କହିଛନ୍ତି, ଏହି ସଂସ୍କୃତି ଭବନ ଲୋକକଳା ଓ ଲୋକସଂସ୍କୃତିକୁ ବଞ୍ଚାଇ ରଖିବାରେ ସହାୟକ ହେବ ଏବଂ ଆଗାମୀ ପିଢ଼ି ଜିଲ୍ଲାର ଐତିହ୍ୟ, ପରମ୍ପରା ଓ ସଂସ୍କୃତି ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି ।

*IPR*

# ଗ୍ରାମ୍ୟ ଉନ୍ନୟନ ବିଭାଜନ

ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ଆଜି ୬୩ଟି ଗ୍ରାମ୍ୟ ଉନ୍ନୟନ ବିଭାଜନର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଶ୍ରୀ ସିଂହ ପ୍ରତିଟି ନିର୍ମାଣ କାର୍ଯ୍ୟର ମାନ ଉପରେ ଗୁରୁତ୍ୱ ଦେବା ସହ ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଅଭିଯୋଗ ଶୁଣାଣି ମାଧ୍ୟମରେ ବିଭାଗ ସମ୍ପର୍କିତ ସମସ୍ତ ସମସ୍ୟାର ସମାଧାନ ନେଇ ସେ ପରାମର୍ଶ ଦେଇଛନ୍ତି ।

*IPR*

# ପୁଲିସ୍ ନିଯୁକ୍ତି ବିଜ୍ଞପ୍ତି

ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ଼ ପକ୍ଷରୁ ବିଭିନ୍ନ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁସାରେ ସବ୍-ଇନ୍‌ସ୍ପେକ୍ଟର, ଷ୍ଟେସନ ଅଫିସର ଏବଂ ଆସିଷ୍ଟାଣ୍ଟ ଜେଲର୍ ସମେତ ୯୩୩ଟି ପଦବୀ ପାଇଁ ନିଯୁକ୍ତି ଦିଆଯିବ । ଇଚ୍ଛୁକ ପ୍ରାର୍ଥୀ ଓଡ଼ିଶା ପୁଲିସର ୱେବ୍‌ସାଇଟ୍ odishapolice.gov.inରେ ବିସ୍ତୃତ ତଥ୍ୟ ପାଇପାରିବେ ।

***Ganjam/R***

# ମରୁଡ଼ି ପରିଚାଳନା ବୈଠକ

ଗଞ୍ଜାମ ଜିଲ୍ଲାରେ ମରୁଡ଼ିର ସଫଳ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୃଷି, ମତ୍ସ୍ୟ, ଜଳ ବିଭାଜିକା, ଜଙ୍ଗଲ ଆଦି ବିଭାଗଗୁଡ଼ିକ ସହାୟତାରେ ଜିଲ୍ଲାସ୍ତରୀୟ ମରୁଡ଼ି ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ବୈଠକରେ ସ୍ଥିର ହୋଇଛି । ଆସନ୍ତା ୨୬ ତାରିଖ ସୁଦ୍ଧା ଆବଶ୍ୟକ ତଥ୍ୟ ପଦାଧିକାରୀଙ୍କୁ ଦେବା ଲାଗି ଶ୍ରୀ ଭୋଇ କହିଛନ୍ତି ।

***Boudh/R***

# କୁଷ୍ଠ ସଚେତନତା ପକ୍ଷ

ବୌଦ୍ଧଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ପର୍ଶ କୁଷ୍ଠରୋଗ ସଚେତନତା ପକ୍ଷ ପାଳନ ନେଇ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏହି ପକ୍ଷ ଆସନ୍ତା ୩୦ ତାରିଖ ଠାରୁ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ପାଳନ କରାଯିବ ।

*Desk, Boudh, Gajapati/R*

# ପକ୍ଷୀ ଗଣନା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜିଠାରୁ ପକ୍ଷୀଗଣନା ଆରମ୍ଭ ହୋଇଛି । ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟର ସାତକୋଶିଆ ଗଣ୍ଡରେ ପକ୍ଷୀଗଣନା କାର୍ଯ୍ୟରେ ବନ୍ୟପ୍ରାଣୀ ଅଧିକାରୀଙ୍କ ନେତୃତ୍ୱରେ କୁସଙ୍ଗ ରେଞ୍ଜ୍ ଅଧୀନସ୍ଥ ୩ଟି ଦଳ ନିୟୋଜିତ ହୋଇଛନ୍ତି ।

ଗଜପତି ଜିଲ୍ଲାରେ ବନବିଭାଗ ପକ୍ଷରୁ ପକ୍ଷୀଗଣନା ଆରମ୍ଭ ହୋଇଛି । ଜିଲ୍ଲାର ଦେବଗିରି, ନାରାୟଣପୁର, ଚନ୍ଦ୍ରଗିରି, ମୋହନା, ଆର୍. ଉଦୟଗିରି, କାଶୀନଗର ଓ ରାମଗିରି ଆଦି ୭ଟି ବନାଞ୍ଚଳ ଏବଂ ୯୫ଟି ବିଟ୍ ରହିଛି । ପକ୍ଷୀ ଗଣନା ପାଇଁ ପ୍ରତ୍ୟେକ ବିଟ୍ ପାଇଁ ଗୋଟିଏ ଲେଖାଏଁ ୟୁନିଟ୍ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*****